# NATIONAL NEWS BULLETIN (ODIA)

## 5 November - 2025

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଛତିଶଗଡ଼ ରାଜ୍ୟ ଗଠନର ୨୫ ବର୍ଷ ପୂର୍ତ୍ତି ପାଳନ ସମାରୋହ ଏବଂ ଅନ୍ୟ କେତେକ କାର୍ଯ୍ୟକ୍ରମରେ ଆଜି ଯୋଗଦେବେ ଉପରାଷ୍ଟ୍ରପତି
- ନୂଆଦିଲ୍ଲୀରେ ଆଜି ଶୁଭାରମ୍ଭ ହେବ ଚତୁର୍ଥ ପର୍ଯ୍ୟାୟ ଡିଜିଟାଲ ଜୀବନ ପ୍ରମାଣପତ୍ର ଅଭିଯାନ
- ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ରହିଛି ଆନ୍ତର୍ଜାତିକ ନିର୍ବାଚନ ପରିଦର୍ଶକ କାର୍ଯ୍ୟକ୍ରମ-୨୦୨୫
- ଭାରତ–ଇସ୍ରାଏଲ ମଧ୍ୟରେ ପ୍ରତିରକ୍ଷା ସମ୍ପର୍କ ସୁଦୃଢ଼ ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ

ଏବଂ

- ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରି ଆଜି ଓଡ଼ିଶାରେ ଶ୍ରଦ୍ଧାର ସହ ପାଳନ କରାଯାଉଛି ବୋଇତ ବନ୍ଦାଣ ଉତ୍ସବ

## ଭିପି-ଛତିଶଗଡ଼ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି ଛତିଶଗଡ଼କୁ ଦିନିକିଆ ଗସ୍ତରେ ଯିବେ । ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ରାଧାକ୍ରିଷ୍ଣନ୍‌ଙ୍କ ଏହା ପ୍ରଥମ ଛତିଶଗଡ଼ ଗସ୍ତ। ଏହି ଗସ୍ତ ଅବସରରେ ଛତିଶଗଡ଼ ରାଜ୍ୟ ଗଠନର ୨୫ ବର୍ଷ ପୂର୍ତ୍ତି ପାଳନ ସମାରୋହ ଏବଂ ନବ-ରାଇପୁର ଓ ରାଜନନ୍ଦ ଗାଓଁରେ ବିଭିନ୍ନ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ଯୋଗଦେବେ। ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ରାୟପୁର ରାଜଭବନରେ ଆଜି ଉପରାଷ୍ଟ୍ରପତିଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବ। ଶ୍ରୀ ରାଧାକ୍ରିଷ୍ଣନ୍ ନବ-ରାଇପୁର ସ୍ଥିତ ସେନ୍ଧ ହ୍ରଦରେ ଭାରତୀୟ ବାୟୁସେନାର ସୂର୍ଯ୍ୟକିରଣ ଏରୋବାଟିକ୍ ଟିମ୍ ଦ୍ୱାରା ପ୍ରଦର୍ଶିତ ଏୟାର୍ ଶୋ'ରେ ଅଂଶଗ୍ରହଣ କରିବେ । ପରେ ଉପରାଷ୍ଟ୍ରପତି ରାଜନନ୍ଦ ଗାଓଁରେ ଆୟୋଜିତ ଲକ୍ଷପତି ଦିଦି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି । ଉପରାଷ୍ଟ୍ରପତି ଆଜି କେରଳ ଏବଂ ତାମିଲନାଡୁ ଗସ୍ତ ଶେଷ କରି ସନ୍ଧ୍ୟାରେ ଛତିଶଗଡ଼ ପହଁଞ୍ଚିବେ।

## ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍

ନୂଆଦିଲ୍ଲୀରେ ଆଜି କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଚତୁର୍ଥ ପର୍ଯ୍ୟାୟ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନର ଶୁଭାରମ୍ଭ କରିବେ । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଚଳିତ ମାସରେ ଏହି ଅଭିଯାନ ଅଧୀନରେ ଦେଶରେ ୨ହଜାର ୫୦୦ ଶିବିର ଆୟୋଜନ କରାଯିବ । ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ମୁହଁ ଚିହ୍ନଟ ଦ୍ୱାରା ପେନ୍‌ସନ୍‌ଭୋଗୀଙ୍କୁ ସରଳ ଉପାୟରେ ଜୀବନ ପ୍ରମାଣପତ୍ର ପ୍ରଦାନର ଲକ୍ଷ୍ୟ

ରଖାଯାଇଛି । ପେନ୍‌ସନ୍‌ଭୋଗୀଙ୍କ ପାଇଁ ଡିଜିଟାଲ୍ ସଶକ୍ତିକରଣ କ୍ଷେତ୍ରକୁ ଏହି ଅଭିଯାନ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଓ ଭାରତୀୟ ଏକକ ପରିଚୟ ପ୍ରାଧିକରଣ ଏହି ଅଭିଯାନରେ ବୈଷୟିକ ସହାୟତା ପ୍ରଦାନ କରିବେ ।

## ଇସିଆଇ– ବିହାର ଇଲେକସନ୍

ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ଆଣ୍ଡ୍ ଇଲେକସନ୍ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନଠାରେ ଆନ୍ତର୍ଜାତିକ ନିର୍ବାଚନ ପରିଦର୍ଶକ କାର୍ଯ୍ୟକ୍ରମ -୨୦୨୫ ଆରମ୍ଭ ହୋଇଛି। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା, ବେଲଜିୟମ, ଇଣ୍ଡୋନେସିଆ, ଫିଲିପାଇନ୍ସ, ଥାଇଲାଣ୍ଡ ଏବଂ କଲମ୍ବିଆ ଆଦି ୭ଟି ଦେଶର ମୋଟ ୧୪ ଜଣ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ବିହାର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନର ମତଦାନ ପ୍ରକ୍ରିୟା ଏହି ପ୍ରତିନିଧିମାନେ ତର୍ଜମା କରିବେ। ଏହି ବିଦେଶ ପ୍ରତିନିଧି ମଣ୍ଡଳୀ ବିହାରକୁ ଦୁଇ ଦିନିଆ ଗସ୍ତରେ ଯିବେ ବୋଲି ଆୟୋଗ କହିଛନ୍ତି। ଉଦ୍‌ଘାଟନୀ ଅଧିବେଶନ ପ୍ରତିନିଧି ମଣ୍ଡଳୀଙ୍କୁ ଇଭିଏମ୍, ଭୋଟର ତାଲିକା ପ୍ରସ୍ତୁତି ଏବଂ ନିର୍ବାଚନ ପରିଚାଳନା ନେଇ ବିବରଣୀ ପ୍ରଦାନ କରାଯାଇଥିଲା। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ଅନ୍ୟତମ କମିଶନର ଡକ୍ଟର ବିବେକ ଯୋଶୀ ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା କରିଛନ୍ତି। ବିଦେଶ ଏବଂ ଆନ୍ତର୍ଜାତୀୟ ସଂଗଠନର ନିର୍ବାଚନ ପରିଚାଳନା ସଂସ୍ଥା ସହିତ ସହଯୋଗ ଏବଂ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏହି ଆର୍ନ୍ତଜାତିକ ନିର୍ବାଚନ ପରିଦର୍ଶକ କାର୍ଯ୍ୟକ୍ରମ  ଆୟୋଜନ କରାଯାଇଥାଏ।

# ୱାର୍ଲ୍ଡ କୋଅପରେଟିଭ୍ ମନିଟର

ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍—ଇଫ୍‌କୋ ଏବଂ ଗୁଜୁରାଟ ସମବାୟ ଦୁଗ୍ଧ ବ୍ୟବସାୟିକ ସଂଘ– ଅମୁଲ’ ବିଶ୍ୱର ଶ୍ରେଷ୍ଠ ସମବାୟ ତାଲିକାରେ ସ୍ଥାନିତ ହୋଇଛନ୍ତି।  ମୁଣ୍ଡପିଛା ଜିଡିପି ପ୍ରଦର୍ଶନ ଆଧାରରେ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଆନ୍ତର୍ଜାତିକ ସମବାୟ ସଂଗଠନ– ଆଇ.ସି.ଏ. ପକ୍ଷରୁ ପ୍ରକାଶିତ ବିଶ୍ୱ ସମବାୟ ମନିଟର–୨୦୨୫ ତାଲିକାରେ ଏହି ଦୁଇ ସଂସ୍ଥାକୁ ସାମିଲ କରାଯାଇଛି। କାତାର ଦୋହାଠାରେ ଆୟୋଜିତ ସମ୍ମିଳନୀରେ ଏହି ଘୋଷଣା କରାଯାଇଛି।

ଏହି ସଫଳତା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଭୟ ସଂସ୍ଥାକୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା’ ତାଲିକାର ପ୍ରଥମ ଦୁଇଟି ସ୍ଥାନ ଅମୁଲ ଏବଂ ଇଫ୍‌କୋ ହାସଲ କରିଥିବାରୁ ସଂସ୍ଥାର ଅଧିକାରୀ ଏବଂ କର୍ମଚାରୀଙ୍କ ନିଷ୍ଠାପର ଏବଂ ନିରନ୍ତର ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି। ଦେଶର ସମବାୟ କ୍ଷେତ୍ରର ପ୍ରଗତିକୁ ଏହା ପ୍ରତିଫଳିତ କରୁଛି ବୋଲି ଶ୍ରୀ ଶାହା କହିଛନ୍ତି।

# ଗୋଏଲ– ନ୍ୟୁଜିଲାଣ୍ଡ

ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ ଆଜି ତାଙ୍କ ପ୍ରତିପକ୍ଷ ଟଡ୍ ମାକ୍‌କ୍ଲେଙ୍କ ସହ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ଚୁକ୍ତି ପ୍ରସଙ୍ଗ ନେଇ ଆଲୋଚନା କରିବେ। ବାଣିଜ୍ୟ, ନିବେଶ ଏବଂ ନବସୃଜନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ନେଇ ଉଭୟ ନେତାଙ୍କ ମଧ୍ୟରେ ମତବିନିମୟ ହେବ। ବାଣିଜ୍ୟ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ,

ଭାରତ–ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିର ଚତୁର୍ଥ ପର୍ଯ୍ୟାୟ ଅକ୍‌ଲାଣ୍ଡଠାରେ ଗତ ୩ ତାରିଖରୁ ଆରମ୍ଭ ହୋଇଛି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଆଲୋଚନାରେ ଏକ ସନ୍ତୁଳିତ, ବ୍ୟାପକ ଏବଂ ପାରସ୍ପରିକ ଲାଭଦାୟକ ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟ ଚୁକ୍ତି ପ୍ରସ୍ତୁତ ହେବାର ଆଶା କରାଯାଉଛି।

# ଇଣ୍ଡିଆ-ଇସ୍ରାଏଲ ଜେଡବ୍ଲ୍ୟୁସି ବୈଠକ

ଦ୍ୱିପାକ୍ଷିକ ପ୍ରତିରକ୍ଷା ସମ୍ପର୍କର ପରିସରକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟ ନେଇ ଭାରତ ଓ ଇସ୍ରାଏଲ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ତେଲଅଭିବ୍‌ରେ ଅନୁଷ୍ଠିତ ଉଭୟ ଦେଶର ପ୍ରତିରକ୍ଷା ସହଯୋଗ ମିଳିତ କାର୍ଯ୍ୟଗୋଷ୍ଠୀର ୧୭ତମ ବୈଠକରେ ଗତକାଲି ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭାରତ ପକ୍ଷରୁ ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ବୈଠକରେ ସହ-ଅଧ୍ୟକ୍ଷତା କରିଥିଲେ। ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ମେଜର ଜେନେରାଲ ଆମିରି ବାରାମ ବୈଠକରେ ଯୋଗ ଦେଇଥିଲେ। ପ୍ରତିରକ୍ଷା କ୍ଷେତ୍ର ନେଇ ଦ୍ୱିପାକ୍ଷିକ ସମନ୍ୱିତ ଦୃଷ୍ଟିକୋଣ ଏବଂ ନୀତିଗତ ଦିଗଦର୍ଶନ ପାଇଁ ଏହି ଚୁକ୍ତିନାମା ସହଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଇଛି। ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭବିଷ୍ୟତର ସହଯୋଗ ପାଇଁ ରହିଥିବା ସମ୍ଭାବ୍ୟ କ୍ଷେତ୍ରଗୁଡ଼ିକ ଉପରେ ବୈଠକରେ ଉଭୟ ପକ୍ଷଙ୍କ ମଧ୍ୟରେ ମତବିନିମୟ ହୋଇଛି। ବୈଠକ ଅବସରରେ ପ୍ରତିରକ୍ଷା ସଚିବ ଶ୍ରୀ ସିଂ’ ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟ୍‌ଜୁଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି।

# ଇଣ୍ଡିଆ-ୟୁଏସ୍ ରିଲେସନ୍ସ

ଆମେରିକା ଓ ଭାରତ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତିବଦ୍ଧତାକୁ ହ୍ୱାଇଟ୍ ହାଉସ୍ ପୁନଃ ପ୍ରକାଶ କରିଛି। ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍ କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ ଭାରତ ସହ ସହଭାଗିତାକୁ ଗୁରୁତ୍ୱ ପ୍ରଦାନ କରନ୍ତି। ହ୍ୱାଇଟ୍ ହାଉସ୍‌ରେ ଦୀପାବଳି ପାଳନ ସମୟରେ ରାଷ୍ଟ୍ରପତି ଟ୍ରମ୍ପ’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥାବାର୍ତ୍ତା କରିଛନ୍ତି। ଏହି ଆଲୋଚନା ସମୟରେ ଉଭୟ ଦେଶର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ସେ କହିଛନ୍ତି, ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ଏବଂ ରାଷ୍ଟ୍ରପତିଙ୍କ ବାଣିଜ୍ୟ ପ୍ରତିନିଧି ମଣ୍ଡଳୀ ନୂଆଦିଲ୍ଲୀ ସହିତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଆଲୋଚନା କରୁଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ’ ଶ୍ରୀ ମୋଦୀଙ୍କୁ ସମ୍ମାନ ଜଣାଇବା ସହ ନିୟମିତ ଯୋଗାଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ଆମେରିକା ପକ୍ଷରୁ ବାଣିଜ୍ୟ ଶୁଳ୍କ ବୃଦ୍ଧି ଏବଂ ରୁଷ୍‌ରୁ ତୈଳ ଆମଦାନୀକୁ ନେଇ ଉଭୟ ଦେଶ ମଧ୍ୟରେ ରହିଥିବା ମତପାର୍ଥକ୍ୟ ସତ୍ତ୍ୱେ ହ୍ୱାଇଟ୍ ହାଉସ୍ ସଚିବଙ୍କ ଏହି ଘୋଷଣାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି।

# ବାଲିଯାତ୍ରା

ପ୍ରାଚୀନ ସମୃଦ୍ଧ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରି ଆଜି କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରାଜ୍ୟବ୍ୟାପୀ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଉଛି । ବିଭିନ୍ନ ନଦୀ ଓ ପୁଷ୍କରିଣୀରେ ଆ-କା-ମା-ବୈ ଗୀତ ସହ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଥିବା ପରିଲକ୍ଷିତ ହୋଇଛି ।

କଟକ ମହାନଦୀ କୂଳରେ ଆଳତୀ, କୀର୍ତ୍ତନ ସହ ବୋଇତବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଶାଳପତ୍ରରେ ନିର୍ମିତ ଡଙ୍ଗା ଭସାଇବାକୁ ପଦକ୍ଷେପ ଗ୍ରହଣ କରାଯାଇଛି ।

ପୁରୀ ମହୋଦଧି ସମେତ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ବୋଇତ ଭସାଣ ହେଉଛି । ଭୁବନେଶ୍ୱର ବିନ୍ଦୁସାଗରରେ ମଧ୍ୟ ବୋଇତ ବନ୍ଦାଣ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି ।

କଟକଠାରେ ଆଜିଠାରୁ ଐତିହାସିକ ବାଲିଯାତ୍ରା ଆରମ୍ଭ ହେଉଛି । ୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ବାଲିଯାତ୍ରାକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ । ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସୁଶ୍ରୀ ଇନା ଏଚ୍ କୃଷ୍ଣମୂର୍ତ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେବେ ।

# ପଞ୍ଜାବ–ଗୁରୁପର୍ବ

ଶିଖ ଧର୍ମର ପ୍ରତିଷ୍ଠାତା ଶ୍ରୀ ଗୁରୁ ନାନକ ଦେବ ଜୀଙ୍କ ୫୫୬ତମ ପ୍ରକାଶ ପର୍ବ ଆଜି ପାଳନ କରାଯାଉଛି । ୧୪୬୯ ମସିହା କାର୍ତ୍ତିକ ମାସ ପୂର୍ଣ୍ଣମୀ ଦିନ ଶ୍ରୀ ନାନକ ଦେବ ଜୀ' ଲାହୋରର ରାଇ ଭୋଇ କି ତାଲୱଣ୍ଡିରେ ଜନ୍ମ ଗ୍ରହଣ କରିଥିଲେ । ବର୍ତ୍ତମାନ ଏହା ଲାହୋରର ନାନକାନା ସାହେବ ଭାବେ ପରିଚିତ ।

ଏହି ପର୍ବ ପାଳନ ଅବସରରେ ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ଶ୍ରୀ ହରିମନ୍ଦିର ସାହିବ, ଶ୍ରୀ ଅକଲ ତକତ ସାହିବ ଏବଂ ଗୁରୁଦ୍ୱାରା ବାବା ଅଟଳ ରାଏରେ ଗୁରୁଜୀଙ୍କ ବ୍ୟବହୃତ ପବିତ୍ର ସାମଗ୍ରୀ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା ହୋଇଛି । ଅମୃତସରର ଶ୍ରୀ ହରିମନ୍ଦିର ସାହିବ ସ୍ୱର୍ଣ୍ଣ ମନ୍ଦିର ତଥା ଅନ୍ୟାନ୍ୟ

ଗୁରୁଦ୍ୱାରଗୁଡ଼ିକୁ ବିଭିନ୍ନ ରଙ୍ଗର ଫୁଲ ଏବଂ ଆଲୋକମାଳାରେ ସଜ୍ଜିତ କରାଯାଇଛି । ଗୁରୁବାଣୀ ପାଠ ସହିତ ଲଙ୍ଗର ପରିବେଷଣ କରାଯାଉଛି ।

## ଜିଏସ୍‌ଟି ସଂସ୍କାର– ଫୁଡ୍ ଆଇଟମ୍‌ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଗତ ସେପ୍ଟେମ୍ବର ମାସ ୨୨ ତାରିଖରେ ଘୋଷିତ ଜିଏସ୍‌ଟି ସଂଚୟ ଉତ୍ସବ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସୁଫଳ ପ୍ରଦାନ କରୁଛି । ପରବର୍ତ୍ତୀ ପିଢ଼ି ଜିଏସ୍‌ଟି ସଂସ୍କାର ଅଧୀନରେ ସରକାର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ଉଲ୍ଲେଖନୀୟ ଟିକସ ହ୍ରାସ କରିଛନ୍ତି । ଉଚ୍ଚତାପମାତ୍ରା ଯୁକ୍ତ କ୍ଷୀର, ପନିର, ପିଜା ବ୍ରେଡ୍ ଏବଂ ପରଟାକୁ ଟିକସ ମୁକ୍ତ କରାଯାଇଛି । ନମକିନ, ଭୁଜିଆ, ପାନୀୟଜଳ, ସସ୍, ପ୍ରକ୍ରିୟାକୃତ ଚିନି ସମେତ କେତେକ ସାମଗ୍ରୀ ଉପରେ ଜିଏସ୍‌ଟି ହାର ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏଭଳି ସଂସ୍କାର ପାରିବାରିକ ଖର୍ଚ୍ଚକୁ ହ୍ରାସ କରିବା ସହ ବଜାର ଚାହିଦା ବୃଦ୍ଧି କରିଛି । କୃଷିଜୀବୀ, ସମବାୟ କ୍ଷେତ୍ର, ଏମ୍.ଏସ୍.ଏମ୍.ଇ., ଖୁଚୁରା ବ୍ୟବସାୟୀ ଏବଂ ରପ୍ତାନୀକାରୀଙ୍କୁ ଏହି ସଂସ୍କାର ପ୍ରୋତ୍ସାହନ ପ୍ରଦାନ କରୁଛି ।